
# କରୋନା ସମୟରେ ରୋଷେଇ

by Indian Scientists Response to Covid
https://indscicov.in/

IndiSciCovid

Illustrations by: Reshma Barve




Indian Scientists' Response to COVID-19

ସଂନ୍ଧ୍ୟା ହୋଇଯାଇଥାଏ ଏବଂ ମୋତେ ଟିକେ ଟିକେ ଭୋକ ବି ଲାଗୁଥାଏ ।

“ ବାପା, ଦୟାକରି ତୁମ ସ୍ପେସାଲ ଚିକେନ୍ (କୁକୁଡା ମାଂସ) ତରକାରୀ ରୋଷେଇ କରିପାରିବକି ?  ମସଲା ଅଧିକ ପକାଇବ । " , ମୁଁ କହିଲି । ମା’ ମୋ କଥାରେ ହଁ ମିଶାଇ କହିଲେ - “ ଆଜି ମୁଁ ବି ବହୁତ ଥକିଯାଇଛି, ତୁମେ ତରକାରୀ ରୋଷେଇ କରି ଦିଅ ।”

“ ଠିକ ଅଛି “  ବାପା କହିଲେ ଏବଂ ସାବୁନରେ ହାତ ଧୋଇବା ପାଇଁ ବେସିନ୍ ଆଡକୁ ଗଲେ । ତାଙ୍କୁ ସମୟର ଧ୍ୟାନ ଦେବା ପାଇଁ ମୁଁ ୨୦ ରୁ ଓଲଟା ଗଣିବା ଆରମ୍ଭ କରିଦେଲି ଏବଂ ମା’  ବି ମୋ ସହ ମିଶି ଗଣିବାକୁ ଲାଗିଲେ । ବାପା ଚଟାଣରେ ରେଡିଓ ପାଖରେ ବସି ପରିବା କାଟିବାକୁ ଭଲ ପାଆନ୍ତି ।  ସକାଳେ ଯେବେ ରମେଶ କକା ମ୍ୟାଗାଜିନ୍ (ପତ୍ରିକା) ଦେବାକୁ ଆସିଥିଲେ, ସେ ସେହି ଯାଗାରେ ବସିଥିଲେ । ସେ ଯିବାମାତ୍ରେ ବାପା ସେ ଜାଗାକୁସାବୁନ୍ ପାଣିରେ ପୋଛିଥିଲେ ବୋଲି ମୋର ମନେ ଅଛି । ସେ ତଳେ ବସି ଚିକେନ୍ ଏବଂ କଞ୍ଚାଲଙ୍କା କାଟିବା ଆରମ୍ଭ କଲେ । ମୁଁ ଆଗ୍ରହର ସହ କହିଲି “ଆହୁରି ଲଙ୍କା ପକାଅ ।”





ବାପା ପଚାରିଲେ "ତୁମେ ମୋ ପାଇଁ ପିଆଜ କାଟି ଦେବ କି?"

"ନା ନା, ଏହାକୁ କାଟିଲେ ମୋ ଆଖିରୁ ଲୁହ ବାହାରେ ।" ମୁଁ ଉତ୍ତର ଦେଲି । ଏହାପରେ ସେ ତିନୋଟି ପିଆଜକୁ ଧୋଇ ତାର ଚୋପା ଛଡ଼ାଇଲେ । ଏହି ସମୟରେ ପଡେଶୀ ଶାରଳା ଖୁଡୀ ବାହାରେ ଠିଆ ହୋଇ ମା'ଙ୍କ ସହିତ କଥା ହେଉଥାନ୍ତି । ସେ କହୁଥିଲେ "ଜାଣିଛ ମୋ ଭଉଣୀ କ'ଣ କରିଥିଲା ? ସେ ବ୍ୟସ୍ତ ହୋଇ ପିଆଜ ଏବଂ ବିଲାତିକୁ ସାବୁନ୍ ପାଣିରେ ଧୋଇ ଦେଇଥିଲା । ପୁରା ପରିବାରକୁ ସାବୁନ୍ ପାଣିରେ ଧୁଆଖାଦ୍ୟ ଖାଇବାକୁ ପଡ଼ିଥିଲା ।" ଏହା କଳ୍ପନା କରି ମୁଁ ହସରେ ଫାଟି ପଡ଼ିଥିଲି ।

"ତୁମେ ଜାଣିଛ, ଏହି ଭୁତାଣୁ ଖାଦ୍ୟରେ ବଢେ ନାହିଁ । ଆଉ ସେମିତିବି ରୋଷେଇ ସମୟରେ ନଷ୍ଟ ହୋଇଯାଏ । ଏହା ଜୀବାଣୁ ଭଳି ନୁହେଁ ।" ମା ବୁଝାଇ କହିଲେ । ଅବଶ୍ୟ, ମୁଁ ମଧ୍ୟ ଏ କଥା ଜାଣିଥିଲି । "କିନ୍ତୁ ସେ ପିଆଜ ତ ବଜାରରୁ ଆସିଛି, ସେଠିତ ଅନେକ ଲୋକ ପିଆଜକୁ ଛୁଇଁ ଥିବେ ନା ?" ମୁଁ ପଚାରିଲି । "ହଁ ଝିଅ" ମା ହସିକି କହିଲେ । "ସେଥିପାଇଁତ କାଲି ଯେବେ ତୋ ଭାଇ ପରିବା ଆଣିଥିଲା ମୁଁ ସେ ସବୁକୁ ଭଲସେ ଧୋଇ ଦେଇଥିଲି ।" .... "ଏବଂ ତାପରେ ହାତକୁ ୨୦ ସେକେଣ୍ଡ୍ ପର୍ଯ୍ୟନ୍ତ ସାବୁନରେ ଧୋଇଥିଲି ।" ଆମେ ଦୁଇ ଜଣ ଏକା ସ୍ୱରରେ କହି ଉଠିଲୁ ।



ଏହାପରେ ଶାରଳା ଖୁଡୀ ବାପାଙ୍କ ଆଡକୁ ଦେଖି କହିଲେ "ଆହା, ତୁମ ସ୍ପେସାଲ ଚିକେନ୍ ରୋଷେଇ କରୁଛ, କିନ୍ତୁ ମୁଁ ହ୍ବାଟ୍ସାପ ରେ ପଢିଥିଲି ଯେ ଏହି ଭୁତାଣୁ ପ୍ରଥମେ ପଶୁଙ୍କ ଠାରୁ ଆସିଥିଲା । ଏହା କଣ ସୁରକ୍ଷିତ ଅଟେ ?" ବାପା ଜୋର ଦେଇ କହିଲେ "ଏହି ଭୁତାଣୁ କେବଳ ଏକ ମଣିଷ ଠାରୁ ଅନ୍ୟ ମଣିଷକୁ ସଂକ୍ରମିତ ହୋଇଥାଏ ଏବଂ ଆମିଷ ପୁରା ସୁରକ୍ଷିତ ଅଟେ । ଡାକ୍ତରମାନେ ମଧ୍ୟ ଏହା କହିଛନ୍ତି ।" ଏହା ଶୁଣି ମୁଁ ଆଶ୍ୱସ୍ତି ପାଇଲି ଓ ବହୁତ୍ ଭାଗ୍ୟବାନ ବୋଲି ଭାବିଲି । ଏହି ସମୟରେ ସେ ତାଙ୍କ ଝିଅର ଡାକ ଶୁଣିଲେ ଏବଂ ଝିଅର କଣ ଦରକାର ଜାଣିବାକୁ  ନିଜ ଘରକୁ ଫେରିଗଲେ ତାଙ୍କ ।


ସେହି ସମୟରେ ଶେଖର ଭାଇ ଦୋକାନକୁ ଫେରି ଆସିଲେ । ମା ତାକୁ ଚାଉଳ, ଡାଲି ଏବଂ ମୋ ପାଇଁ କ୍ରିମ୍ ବିସ୍କୁଟ କିଣିବା ପାଇଁ ପଠାଇଥିଲେ । ସେ ବାହାର କବାଟ ପାଖରେ ଠିଆ ହୋଇ କଣ କରିବ ବୋଲି ଭାବୁଥାଏ । ମା' ତାକୁ ଅନାଇ ହସିକି କହିଲେ "ବ୍ୟସ୍ତ ହେବାର ନାହିଁ, କିଛି ସମୟ ପାଇଁ ଅପେକ୍ଷା କର ।" ସେ ରୋଷେଇ ଘରକୁ ଯାଇ ଚାଉଳ, ଡାଲି ରହୁଥିବା ବଡ଼ ଡବା ଏବଂ ଟିଣ ର ଗୋଟେ ଖାଲି ଡବା ଆଣିଲେ । ସେ ଡ଼ବା ଖୋଲିଲେ ଏବଂ ଶେଖରକୁ ଚାଉଳ, ଡାଲି ଥିବା ପ୍ଲାଷ୍ଟିକ ଥଳିକୁ କାଟି ଖୋଲିବାକୁ କହିଲେ । "ଏବେ ମୋ ଡବାକୁ ନଛୁଇଁ ଚାଉଳ ଏବଂ ଡାଲିକୁ ସିଧା ସଳଖ ସେଥିରେ ପୁରା  ଯେମିତି  ତଳେ ଟିକେ ବି ନ ପଡେ " ସେ ତାକୁ କହିଲେ ।" ତାକୁ ଧ୍ୟାନର ସହ ଡାଲି ଚାଉଳ ପୁରାଉ ଥିବାର ଦେଖି ମୋତେ ବହୁତ୍ ମଜା ଆସୁଥାଏ । ଏହାପରେ ସେ ବିସ୍କୁଟ୍ ପ୍ୟାକେଟ ଖୋଲି ଡବାକୁ ନ ଛୁଇଁ ସବୁ ବିସ୍କୁଟ ଡବାରେ ପୁରାଇଲେ । "ହଁ", କାମଟା ଠିକସେ କରିପାରିବାରୁ ସେ ଖୁସିରେ  ଚିଲାଇଲେ । ବେଳେ ବେଳେ ସେ ଏମିତି ଛୋଟ ପିଲାଙ୍କ ଭଳି ବ୍ୟବହାର କରନ୍ତି ଏବଂ ଏହା ଦେଖି ଆମେ ଜୋରରେ ହସି ଉଠିଲୁ । ମୋର ମନେ ପଡିଲା ସକାଳେ ଯେବେ ଶରଳା ଖୁଡୀ ଆଳୁ ତରକାରୀ ଆଣିଥିଲେ , ମା ସେ ସବୁକୁ ସିଧା ଆମ ବାସନରେ ଢାଳି ଦେଇଥିଲେ ।



ଶେଖର ମାଙ୍କୁ ପଚାରିଲେ "ମୁଁ ଏବେ ପ୍ଲାଷ୍ଟିକ ଏବଂ ପେପରର କଣ କରିବି ?" । ସେଗୁଡ଼ିକୁ  ବାହାରେ ଅଳିଆ ଆବର୍ଜନା ପାଇଁ ଥିବା ଝୁଡିରେ ପକାଇବାକୁ ମା କହିଲେ । ତା'ପରେ ଶେଖର ଯୋତା ଖୋଲି ଘର ଭିତରକୁ ଆସିଲା । "ହାତକୁ ୨୦ ସେକେଣ୍ଡ ପାଇଁ ଧୁଅ" ମୁଁ କହିଲି ଏବଂ ତା ପଛରେ ଯାଇ ଦେଖିଲି ସେ ଠିକସେ ହାତ ଧୋଉଛି କି ନାହିଁ । ତା'ପରେ ସେ ଭିତରକୁ ଯାଇ ପିନ୍ଧିଥିବା ପୋଷାକ ବଦଳାଇଲେ ।

ସେତେବେଳକୁ ବାପା ରୋଷେଇ ଘରକୁ ଚାଲି ଯାଇଥିଲେ । ସେ ସବୁ ବାସନ, ଚାମଚ ଏମିତିକି ଷ୍ଟୋଭ ଆଦିକୁ ଦିନରେ ସାବୁନ ପାଣିରେ ଧୋଇ ଦେଇଥିଲେ ।ସଙ୍ଗେ ସଙ୍ଗେ ମସଲା ର ବାସନା ପୁରା ଘରେ ଖେଳେଇ ଯାଇଥିଲା । ସେଥିରେ ଚିକେନ୍ ପକାଇଲେ ଓ ମା ଯେତେବେଳେ ଅନ୍ୟ କୋଠରୀରେ ବସି ଦୂରଦର୍ଶନରେ ଧାରାବାୟିକ ଦେଖୁଥାନ୍ତି, ସେ ପଚାରିଲେ "ତୁମେ ପାଖ ଘରେ ରହୁଥିବା ରମେଶ କଥା ଶୁଣିଛ କି? ତାକୁ ପୂର୍ବ ସପ୍ତାହରୁ ଥଣ୍ଡା, କାଶ ଏବଂ ଜ୍ୱର ହେଇଛି ।"

" ହେ ଭଗବାନ ! ଏହା ତାଙ୍କ ପରିବାର ପାଇଁ ଦୁଖ ଓ ଚିନ୍ତା ର ବିଷୟ। ଆମେ ତାଙ୍କୁ ଦେଖିବାକୁ ଯିବାକି?" ଶେଖର ପଚାରିଲା । ମା ମୁଣ୍ଡ ହଲାଇ ମନା କରି କହିଲେ "ନା, ଏବେ ସେମାନେ ପୃଥକବାସରେ ଥିବେ ।"  ମୁଁ ଭାବିବାକୁ ଲାଗିଲି ରମେଶ କିପରି ତା'ର ପରିବାର ସହ ଖାଇବ । ମୁଁ ମା'ଙ୍କୁ ପଚାରିଲି ତାଙ୍କ ପାଇଁ ବି ଚିକେନ୍ (ମାଂସ) ତରକାରୀ ବନେଇ ହେବ କି । " ହଁ କାହିଁକି ନୁହେଁ?" ସେ ଉତ୍ତର ଦେଲେ । " ତାଙ୍କୁ ଟିକେ ସତର୍କ ରହିବାକୁ ପଡିବ । ରମେଶକୁ ନିଜ କୋଠରୀରେ ରହିବାକୁ ହେବ ଏବଂ ସେଠାକୁ କେହି ନେଇ ଖାଦ୍ୟ ନେଇ ଦେବେ । ସେ ଖାଇ ସାରିବାପରେ ବାସନକୁ ଭଲରେ ଧୋଇବା ଦରକାର । " ମୁଁ ଆଶା କରୁଛି ରମେଶ ଶୀଘ୍ର ଠିକ ହୋଇ ଯାଉ । ସେ ମୋତେ ଗୁଡି ଉଡାଇବା ଶିଖାଇ ଦେବେ ବୋଲି ପ୍ରତିଜ୍ଞା କରିଥିଲେ ।



“ରାତ୍ରଭୋଜନ ପ୍ରସ୍ତୁତ ସରିଲା” ବାପା କହିଲେ । ସେ ସମସ୍ତଙ୍କୁ ସାବୁନରେ ହାତ ଧୋଇ ନିଜର  ଖାଇବା ଥାଳି ଆଣିବାକୁ ପଠାଇଲେ । ଏହାପରେ ସେ ଆମ ଥାଳିରେ ଭାତ ଓ ତରକାରୀ ଦେଲେ । “ତୁମେ ଆମ ସହ ଖାଇବନି?” ମୁଁ ପଚାରିଲି । “ଗୋଟେ ମିନିଟ୍ ଅପେକ୍ଷା କର” ନାକକୁ କୁଣ୍ଡାଇ କୁଣ୍ଡାଇ ସେ କହିଲେ ।

“ଅଧଘଣ୍ଟା ହେବ ମୁଁ ଏହା କରିବାକୁ ଚାହୁଁଥିଲି କିନ୍ତୁ ରୋଷେଇ କରୁଥିବାରୁ କରି ପାରୁ ନଥିଲି । ଏବେ ମୁଁ ଆରାମରେ କରିପାରିବି” ସେ ଖୁସିରେ କହିଲେ । ଏହା ଶୁଣି ଆମେ ସମସ୍ତେ ହସି ଉଠିଲୁ ଓ ସେ ହାତ ଧୋଇବାକୁ ଗଲେ । ଆମେ ସମସ୍ତେ ପରସ୍ପର ଠାରୁ ଦୂରତା ରକ୍ଷା କରି ବସିଲୁ ଏବଂ ଦୁନିଆର ସବୁଠୁ ସୁସ୍ୱାଦୁ ଚିକେନ୍ ତରକାରୀ ଖାଇଲୁ ।

ଏହି କାହାଣୀଗୁଡିକ ସାଧାରଣ ଦୃଶ୍ୟକୁ ଚିତ୍ରଣ କରିବା ଏବଂ ଆମେ ପ୍ରଦାନ କରୁଥିବା ସୂଚନାକୁ ପ୍ରସଙ୍ଗଭିତ୍ତିକ କରିବା ପାଇଁ ଉଦ୍ଦିଷ୍ଟ ଅଟେ। ଏହା ନିଶ୍ଚିତ ରୂପେ ବିଷୟବସ୍ତୁକୁ ସରଳ କରିଥାଏ | ବୈଜ୍ଞାନିକ ସଠିକତା ପାଇବା ପାଇଁ ୱେବସାଇଟରେ ଥିବା ଦସ୍ତାବିଜ ଗୁଡିକୁ ଧ୍ୟାନ ଦେଇ ପଢନ୍ତୁ |

